# ପ୍ରସଖୋଳ

## (ପ୍ରଥମ ଭାଗ)

## ପ୍ରଥମ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ହସଖେଳ

(ପ୍ରଥମ ଭାଗ)

## ପ୍ରଥମ ଶ୍ରେଣୀ

(ଭାଷା, ଗଣିତ ଓ ପରିବେଶ ଅଧ୍ୟୟନର ସମନ୍ୱିତ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ
ଓଡ଼ିଶା, ଭୁବନେଶ୍ୱର

# ହସଖେଳ

(ପ୍ରଥମ ଭାଗ)

## ପ୍ରଥମ ଶ୍ରେଣୀ


**ଲେଖକ ମଣ୍ଡଳୀ:**

ଡକ୍ଟର ଚକ୍ରଧର ବିଶ୍ୱାଳ
ଶ୍ରୀ ନୀଳମାଧବ ପରିଚ୍ଛା
ଶ୍ରୀ ପ୍ରଶାନ୍ତ କୁମାର ରଥ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ

**ସମୀକ୍ଷକ:**

ଶ୍ରୀ ନରେଶ ଚନ୍ଦ୍ର ପଣ୍ଡା
ଶ୍ରୀ ନୀଳମାଧବ ପରିଚ୍ଛା

**ସଂଯୋଜିକା:**

ପ୍ରୀତିଲତା ଜେନା



**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

**ଦ୍ୱିତୀୟ ମୁଦ୍ରଣ ବର୍ଷ : ୨୦୧୦**
୨୦୧୧

**ପ୍ରସ୍ତୁତି:**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର



# ସର୍ବ ଶିକ୍ଷା ଅଭିଯାନ

**ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ**

ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧୀ

# ସୂଚୀପତ୍ର


| ପାଠ ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଦେଖ ଓ କହ | ୧ |
| ୨. | ଟୁନା ଟୁନି | ୪ |
| ୩. | ଛେଳି ଡରେ ପାଣିକି | ୧୧ |
| ୪. | ବାଉଁଶରାଣୀ | ୧୯ |
| ୫. | ଠୋ ଠା | ୨୬ |
| ୬. | କହିଲ ଦେଖି | ୩୨ |
| ୭. | ମୁନି ଯାଇଥିଲା ହାଟକୁ | ୩୯ |
| ୮. | ରାଜାଙ୍କ ଭୋଜି | ୪୬ |
| ୯. | ସପନି ଅଜାଙ୍କ ସପନ ଦେଖା | ୫୪ |
| ୧୦. | ଉଇ | ୬୩ |
| ୧୧. | କିଚିରି ମିଚିରି | ୭୨ |
| ୧୨. | ଦୀପାବଳି | ୭୯ |
| ୧୩. | ଚତୁର କୁକୁଡ଼ା | ୮୬ |

# ଦେଖ ଓ କହ





# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପ୍ରଥମେ ପିଲାମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହୋଇ ମନଯୋଗ ଦେଇ ଚିତ୍ର ଦେଖିବେ । ପ୍ରତ୍ୟେକ ପିଲାଙ୍କୁ ଚିତ୍ର ବିଷୟରେ ମନଇଚ୍ଛା କହିବା ପାଇଁ କୁହାଯିବ ।

- ଚିତ୍ରରେ ଥିବା ଜୀବ ମଧ୍ୟରୁ କିଏ କେମିତି ବୋବାନ୍ତି ? କିଏ କାହା ପାଖରେ ଓ ଦୂରରେ ଅଛି ? କିଏ କେଉଁଠି ଅଛି ? ବଡ଼ ଜୀବ / ସାନ ଜୀବ / ମୋଟା / ପତଳା କିଏ ? କାହା ପିଠିରେ ଝିଅମାନେ ବସିଛନ୍ତି ? କାହାର ରଙ୍ଗ କିପରି ? ଜୀବମାନଙ୍କ ଅଙ୍ଗ ଇତ୍ୟାଦି ସମ୍ବନ୍ଧରେ ଶିକ୍ଷକ ପଚାରି ଆଲୋଚନା କରିବେ ।

- 'ଚିତ୍ର ଦେଖି ମୋତେ କ'ଣ ପଚାରିବ ପଚାର' କହି ଶିକ୍ଷକ ପ୍ରତ୍ୟେକ ପିଲା ପାଖରୁ କିଛି ପ୍ରଶ୍ନ ନେବା ପାଇଁ ଚେଷ୍ଟା କରିବେ ଓ ପିଲାଙ୍କ ପ୍ରଶ୍ନର ଉତ୍ତର ଦେବେ ।

- ଚିତ୍ର ଦେଖି ପିଲାଙ୍କୁ ଭଲ ଲାଗୁଥିବା ଚିତ୍ର ଅଙ୍କନ କରିବା ଓ ନିଜ ଚିତ୍ରରେ ରଙ୍ଗଦେବା ପାଇଁ ଶିକ୍ଷକ ପିଲାଙ୍କୁ କହିବେ । ପ୍ରତ୍ୟେକ ପିଲା କିଛି ଆଙ୍କିବା ଆବଶ୍ୟକ ।

- ଚିତ୍ରରେ ଥିବା ପଶୁ ଓ ଚଢ଼େଇ ବ୍ୟତୀତ ଅନ୍ୟ ଜୀବଜନ୍ତୁ ଓ ଚଢ଼େଇର ନାମ ପିଲା କହିବା ପାଇଁ ଶିକ୍ଷକ ସୂଚନା ଦେବେ ।

- ଶିକ୍ଷକ ପିଲାମାନଙ୍କୁ କିଛି କୌତୁକିଆ ପ୍ରଶ୍ନ, ଯଥା-ଜିରାଫ ଓ ଗୁଣ୍ଡୁଚି ମୂଷା କ'ଣ କଥାବାର୍ତ୍ତା ହେଉଛନ୍ତି ? କୁମ୍ଭୀର କାହିଁକି ହସୁଛି ? ହନୁମାଙ୍କଡ଼ କାହାକୁ କହୁଛି ଇତ୍ୟାଦି ପ୍ରଶ୍ନ ପଚାରିବେ ।

- ଚିତ୍ରରେ ଥିବା ପଶୁ ଓ ଚଢ଼େଇଙ୍କ ମଧ୍ୟରୁ ତୁମକୁ କାହାକୁ ଭଲଲାଗେ ? କାହିଁକି ଭଲଲାଗେ ପ୍ରଶ୍ନ ମଧ୍ୟ ଶିକ୍ଷକ ପଚାରିବେ । ୩୯ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ଶୁଣିବା, କହିବା, ପ୍ରଶ୍ନର ଉତ୍ତର ଦେବା, ବୁଝିବା, ଜୀବଜନ୍ତୁ ଚିହ୍ନିବା, ଚିତ୍ର ଆଙ୍କିବା ଓ କଳ୍ପନା କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।